# ମୋ ଘର

**G**overnment
**H**ousing
**A**ssistance in
**R**ural
**A**reas

## ସମ୍ବନ୍ଧୀୟ ଜାଣିବା ତଥ୍ୟ

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ,
ଓଡ଼ିଶା ସରକାର.

## ପ୍ରାୟତଃ ପଚରାଯାଉଥିବା ପ୍ରଶ୍ନ (FAQs)

**୧) ଯୋଜନାର ଲକ୍ଷ୍ୟ କ'ଣ ?**

ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ଗୃହ ଋଣ ଜରିଆରେ ସେମାନଙ୍କର ନୂତନ ଗୃହ ନିର୍ମାଣ ତଥା ଗୃହର ଉନ୍ନତିକରଣ/ ସମ୍ପୂର୍ଣ୍ଣକରଣ/ ସମ୍ପ୍ରସାରଣ କରିବା ଏହି ଯୋଜନାର ଲକ୍ଷ୍ୟ ।

**୨) ନୂତନ ଗୃହ ନିର୍ମାଣ କହିଲେ କ'ଣ ବୁଝାଏ?**

ନୂତନ ଗୃହ ନିର୍ମାଣ କହିଲେ କଂକ୍ରିଟ ଛାତ ବିଶିଷ୍ଟ ପକ୍କାଘର ନିର୍ମାଣକୁ ବୁଝାଇଥାଏ ।

**୩) ଗୃହ ସମ୍ପ୍ରସାରଣ କହିଲେ କ'ଣ ବୁଝାଏ?**

ଗୃହ ସମ୍ପ୍ରସାରଣ କହିଲେ ବର୍ତ୍ତମାନର ଘର ସହିତ ଅତିରିକ୍ତ କଂକ୍ରିଟ ଛାତ ବିଶିଷ୍ଟ ପକ୍କାଘର ନିର୍ମାଣକୁ ବୁଝାଇଥାଏ ।

**୪) ଗୃହ ସମ୍ପୂର୍ଣ୍ଣକରଣ କହିଲେ କ'ଣ ବୁଝାଏ?**

ଯଦି ପୂର୍ବରୁ ଘର ତିଆରି ଆରମ୍ଭ କରି ଶେଷ ହୋଇନଥାଏ, ସେହି ଘରେ କଂକ୍ରିଟ ଛାତ ପକାଇ, ଝରକା, କବାଟ , ଚଟାଣ, ପଲସ୍ତରା ଓ ରଙ୍ଗ ଲଗାଇବା ଇତ୍ୟାଦି କାର୍ଯ୍ୟ ଶେଷ କରି ବାସୋପଯୋଗୀ କରିବାକୁ ଗୃହ ସମ୍ପୂର୍ଣ୍ଣକରଣ ବୁଝାଇଥାଏ ।

**୫) ଗୃହ ଉନ୍ନତିକରଣ କହିଲେ କ'ଣ ବୁଝାଏ?**

ଯଦି ନିଜର ଘର କଂକ୍ରିଟ ଛାତ ବିଶିଷ୍ଟ ହୋଇନଥାଏ, ଏହାକୁ କଂକ୍ରିଟ ଛାତ ବିଶିଷ୍ଟ କରି ଛାତ ପରିବର୍ତ୍ତନ ଜନିତ ଆନୁସଙ୍ଗିକ ମରାମତି କରିବା ।

**୬) କେଉଁ ପରିବାରମାନେ ଏଥିରେ ଉପକୃତ ହେବା ପାଇଁ ଯୋଗ୍ୟ ବିବେଚିତ ଅଟନ୍ତି ?**

- କଚ୍ଚା ଘରେ ବା ଗୋଟିଏ ବଖରା ଛାତ ଘରେ ରହୁଥିବା ପରିବାର ।
- ଗୃହ ନିର୍ମାଣ ଯୋଜନାରେ ସହାୟତା ପାଇ ନଥିବା ବା ୭୦ ହଜାର ଟଙ୍କାରୁ କମ ସହାୟତା ପାଇଥିବା ପରିବାର।
- ମାସିକ ୨୫ ହଜାର ଟଙ୍କାରୁ କମ ଆୟ କରୁଥିବା ପରିବାର।
- ବ୍ୟକ୍ତିଗତ ବ୍ୟବହାର ପାଇଁ ଚାରି ଚକିଆ ମୋଟର ଗାଡ଼ି ରଖି ନଥିବା ପରିବାର।
- କୌଣସି ସରକାରୀ / ସରକାରୀ ଉଦ୍ୟୋଗରେ ନିୟମିତ କିମ୍ବା ପେନସନ୍ ଭୋଗୀ କର୍ମଚାରୀ ନଥିବା ପରିବାର।
- ପାଞ୍ଚ ଏକର ଜଳସେଚିତ କିମ୍ବା ପନ୍ଦର ଏକର ଅଣ ଜଳସେଚିତ ଜମିରୁ କମ ଜମି ଥିବା ପରିବାର ।

**୭) ଏହି ଯୋଜନାରେ ପରିବାର କହିଲେ କ'ଣ ବୁଝାଏ?**

ଏହି ଯୋଜନାରେ ପରିବାର କହିଲେ ସ୍ୱାମୀ , ସ୍ତ୍ରୀ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ସଦସ୍ୟମାନଙ୍କୁ ବୁଝାଏ ।

**୮) ଏହି ଯୋଜନାରେ ପକ୍କା ଘର କହିଲେ କ'ଣ ବୁଝାଏ?**

ପକ୍କାଘର ପାଇଁ କାନ୍ଥ ଓ ଛାତ ପକ୍କା ହେବା ଆବଶ୍ୟକ ।

- କାନ୍ଥ- ଇଟା , ପଥର ଇତ୍ୟାଦିରେ ତିଆରି ହୋଇ ସିମେଣ୍ଟ ଯୋଡ଼େଇ ହେବା ।
- ଛାତ- ସିମେଣ୍ଟ କଂକ୍ରିଟ ଛାତ ।

**୯) ପୂର୍ବରୁ ଗୃହ ମଞ୍ଜୁର ହୋଇଥିଲେ ଏହି ଯୋଜନାରେ ଋଣ ମିଳିଥାଏ କି?**

ପୂର୍ବରୁ ଗୃହ ମଞ୍ଜୁର ହୋଇଥିଲେ ମଧ୍ୟ ଏହି ଯୋଜନାରେ ଋଣ ମିଳିପାରିବ । କିନ୍ତୁ ପୂର୍ବରୁ ୭୦ ହଜାର ଟଙ୍କା ବା ତହିଁରୁ ଅଧିକ ଅର୍ଥ ରାଶିର ଗୃହ ମଞ୍ଜୁର ହୋଇ ସହାୟତା ରାଶି ପାଇଥିବା ପରିବାରଙ୍କୁ ଏହି ସୁବିଧା ମିଳି ନ ଥାଏ । (ପରିବାରର ସଂଜ୍ଞା ପ୍ରଶ୍ନ ୭ ରେ ଉଲ୍ଲେଖ କରାଯାଇଛି । )

**୧୦) ନିଜର ପକ୍କାଘର ଥିଲେ ଋଣ ସହାୟତା ମିଳିଥାଏ କି?**

ଆବେଦନକାରୀଙ୍କର ୧ ରୁ ଅଧିକ କଂକ୍ରିଟ ଛାତ ବିଶିଷ୍ଟ କୋଠରୀ ନଥିଲେ, ଏହି ଯୋଜନାରେ ଋଣ ସହାୟତା ପାଇପାରିବେ ।

**୧୧) ଚାରି ଚକିଆ ଗାଡ଼ି ଥିଲେ ଏହି ଯୋଜନାରେ ଋଣ ମିଳିପାରେ କି?**

ଆବେଦନକାରୀଙ୍କର ଚାରି ଚକିଆ ଗାଡ଼ି ଥାଇ ଯଦି ସେ ଏହାକୁ କୌଣସି ବ୍ୟବସାୟିକ ଭିତ୍ତିରେ ବ୍ୟବହାର କରୁଥାନ୍ତି, ସେ ଋଣ ପାଇବାକୁ ଯୋଗ୍ୟ ଅଟନ୍ତି । ଯଦି ଚାରି ଚକିଆ ଗାଡ଼ିକୁ ନିଜସ୍ୱ ଅଥବା ପରିବାର ପାଇଁ ବ୍ୟବହାର କରୁଥାନ୍ତି , ତେବେ ସେ ଋଣ ପାଇ ପାରିବେ ନାହିଁ ।

**୧୨) କେତେ ଜମିଥିଲେ ଆବେଦନକାରୀଙ୍କୁ ଋଣ ମିଳିଥାଏ ?**

ଆବେଦନକାରୀ ପରିବାରଙ୍କର ୫ ଏକରରୁ କମ ଜଳସେଚିତ ଜମି କିମ୍ବା ୧୫ ଏକରରୁ କମ ଅଣ-ଜଳସେଚିତ ଜମି ଥିଲେ ଋଣ ମିଳିପାରିବ ।

**୧୩) ପୂର୍ବରୁ ଅନ୍ୟ କୌଣସି ଋଣ ନେଇଥିଲେ ଏହି ଯୋଜନାରେ ଗୃହ ଋଣ ମିଳିପାରେ କି?**

ବ୍ୟାଙ୍କରୁ ଅନ୍ୟ କୌଣସି ଋଣ ପୂର୍ବରୁ ନେଇ ଗତ ୯୦ ଦିନ ମଧ୍ୟରେ ସେହି ଋଣର ମୂଳ କିମ୍ବା ସୁଧ ବାବଦକୁ କୌଣସି ଅର୍ଥ ପରିଶୋଧ କରି ନଥିଲେ ଏହି ଯୋଜନାରେ ଋଣ ମିଳି ନଥାଏ ।

**୧୪) ଏହି ଯୋଜନାରେ କ'ଣ ସୁବିଧା ମିଳିଥାଏ?**

- ଗୃହ ନିର୍ମାଣ/ ଉନ୍ନତିକରଣ/ ସମ୍ପୂର୍ଣ୍ଣକରଣ/ ସମ୍ପ୍ରସାରଣ ପାଇଁ ବ୍ୟାଙ୍କ ଜରିଆରେ ଋଣ ପ୍ରଦାନ କରାଯାଇଥାଏ ।
- ସରକାର ଋଣ ମଞ୍ଜୁର ପ୍ରକ୍ରିୟାକୁ ସରଳୀକରଣ କରି, ସମସ୍ତ ପର୍ଯ୍ୟାୟରେ ଆବେଦନକାରୀଙ୍କୁ ସହାୟତା ପ୍ରଦାନ କରନ୍ତି ।

- ଋଣ ଭାର ଲାଘବ କରିବା ପାଇଁ ରାଜ୍ୟ ସରକାର ଋଣର  ମୂଳଧନ ବାବଦକୁ ସବସିଡି ପ୍ରଦାନ କରନ୍ତି ।
- ଅନୁସୂଚିତ ଜାତି / ଜନଜାତି  /ଭିନ୍ନକ୍ଷମ ମୁଖ୍ୟ ଥିବା ପରିବାରଙ୍କୁ ଅତିରିକ୍ତ ସବସିଡି ପ୍ରଦାନର ବ୍ୟବସ୍ଥା ଅଛି ।

**୧୫) ଏହି ଯୋଜନାରେ କେତେ ପ୍ରକାରର  ଋଣ ମିଳିଥାଏ?**

ଏହି ଯୋଜନାରେ ଚାରି ପ୍ରକାରର  ଯଥା ୧ ଲକ୍ଷ , ୧.୫ ଲକ୍ଷ, ୨ ଲକ୍ଷ ଏବଂ  ୩ ଲକ୍ଷ ଟଙ୍କାର ଋଣ ମିଳିଥାଏ ।

**୧୬) ସରକାରଙ୍କ ତରଫରୁ କେତେ ସବସିଡ଼ି ଦିଆଯାଇଥାଏ ?**

ସରକାରଙ୍କ ତରଫରୁ  ବିଭିନ୍ନ ପ୍ରକାର ଋଣ ଉପରେ ନିମ୍ନମତେ ସବସିଡ଼ି ରାଶି ପ୍ରଦାନ କରାଯାଇଥାଏ ।

| କ୍ରମିକ ସଂଖ୍ୟା | ଋଣ ପରିମାଣ (ଟଙ୍କାରେ ) | ସବସିଡ଼ି (ଟଙ୍କାରେ ) | |
|---|---|---|---|
| | | ସାଧାରଣ ବର୍ଗ | ଅନୁସୂଚିତ ଜାତି / ଜନଜାତି / ଭିନ୍ନକ୍ଷମ ମୁଖ୍ୟ ଥିବା ପରିବାର |
| ୧ | ୧ ଲକ୍ଷ | ୩୦.୦୦୦ | ୪୦,୦୦୦ |
| ୨ | ୧.୫ ଲକ୍ଷ | ୪୫,୦୦୦ | ୫୫,୦୦୦ |
| ୩ | ୨ ଲକ୍ଷ | ୬୦,୦୦୦ | ୭୦,୦୦୦ |
| ୪ | ୩ ଲକ୍ଷ | ୬୦,୦୦୦ | ୭୦,୦୦୦ |

**୧୭) ଅନୁସୂଚିତ ଜାତି/ ଜନଜାତି / ଭିନ୍ନକ୍ଷମ ମୁଖ୍ୟ ପରିବାରଙ୍କ ପାଇଁ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା ଅଛି କି?**

ଅନୁସୂଚିତ ଜାତି, ଜନଜାତି  ଓ ଭିନ୍ନକ୍ଷମ ମୁଖ୍ୟ ଥିବା ପରିବାରଙ୍କ ପାଇଁ ,ସରକାରଙ୍କ ତରଫରୁ ପ୍ରଶ୍ନ ନଂ ୧୬  ରେ ଉଲ୍ଲେଖ ଥିବା ଅତିରିକ୍ତ  ସବସିଡି ରାଶି  ପ୍ରଦାନ  କରାଯାଇଥାଏ  ।

**୧୮) ପ୍ରସ୍ତାବିତ ଜାଗାର ମାଲିକାନା ନିଜ ନାମରେ ନଥିଲେ କିପରି ଋଣ ମିଳିଥାଏ ?**

ଯଦି ନିଜ ନାମରେ ଜାଗା ରେକର୍ଡଭୁକ୍ତ ନଥାଏ, ଦାଖଲ ଖାରଜ (ମ୍ୟୁଟେସନ) ଜରିଆରେ ଜମିଜମା ସତ୍ତ୍ୱର ମାଲିକାନାକୁ ନିଜ ନାମକୁ ଆଣିବାକୁ ପଡିଥାଏ । ପ୍ରସ୍ତାବିତ ଜାଗା ଅନ୍ୟ ଅଂଶୀଦାରଙ୍କ ନାମରେ ରେକର୍ଡଭୁକ୍ତ ଥିଲେ, ଅନ୍ୟ ଅଂଶୀଦାରମାନେ ଏଥିରେ ସହ-ଋଣଗ୍ରହୀତା ହେବାପାଇଁ ସମ୍ମତ୍ତି ପ୍ରଦାନ କରିବା ଆବଶ୍ୟକ ।

**୧୯) ସର୍ବାଧିକ କେତେଜଣ ସହ- ଋଣଗ୍ରହୀତା ହୋଇପାରିବେ?**

ଆବେଦନକାରୀଙ୍କ ବ୍ୟତୀତ ସର୍ବାଧିକ ୩ ଜଣ ସହ- ଋଣଗ୍ରହୀତା ହୋଇପାରିବେ ।

**୨୦) ବାପାଙ୍କ ନାମରେ ଜମି ଥିଲେ, ଋଣ ମିଳିଥାଏ କି?**

ଯଦି ବାପା ଜୀବିତ ଥାଆନ୍ତି ଓ ସହ- ଋଣଗ୍ରହୀତା ପାଇଁ ସମ୍ମତି ପ୍ରଦାନ କରନ୍ତି, ତେବେ ଆବେଦନକାରୀଙ୍କୁ ଋଣ ମିଳି ପାରିବ ।

**୨୧) ପ୍ରସ୍ତାବିତ ଗୃହର ଜମି ଘରବାଡ଼ି କିସମର ହେବା ଆବଶ୍ୟକ କି?**

ଯେଉଁ ଜମି ଉପରେ ଘର ତିଆରି ହୁଏ, ତାହା ସ୍ଥିତିବାନ ସତ୍ତ୍ୱରେ ରହି ଘରବାଡ଼ି କିସମ ହେବା ଆବଶ୍ୟକ । ଅନ୍ୟ କିସମର ଜମି ହୋଇଥିଲେ ଏହାକୁ ତହସିଲ କାର୍ଯ୍ୟାଳୟରେ ଘରବାଡ଼ି କିସମକୁ ପରିବର୍ତ୍ତନ ପାଇଁ ଆବେଦନ କରାଯାଇଥାଏ ।

**୨୨) ଗୃହ ତିଆରିର କୌଣସି ନିର୍ଦ୍ଦିଷ୍ଟ ଡିଜାଇନ / ନକ୍ସା ଅଛି କି?**

ଆବେଦନକାରୀ ନିଜ ପସନ୍ଦ ମୁତାବକ ଘରର ଡିଜାଇନ ପ୍ରସ୍ତୁତ କରିବେ । ଡିଜାଇନ ପ୍ରସ୍ତୁତି ରେ ଆବେଦନକାରୀଙ୍କୁ ସଚେତନ କରିବା ପାଇଁ ସରକାର ବିଭିନ୍ନ ବନ୍ୟା, ବାତ୍ୟା ପ୍ରତିରୋଧକ ଘରର ଡିଜାଇନ ପ୍ରସ୍ତୁତ କରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ RH ପୋର୍ଟାଲରେ ପ୍ରଦର୍ଶନ କରିଛନ୍ତି ।

**୨୩) ପ୍ରକଳ୍ପର ନକ୍ସା ଏବଂ ଅଟକଳ କିଏ ପ୍ରସ୍ତୁତ କରିଥାଆନ୍ତି ?**

ବ୍ଲକରେ ସମ୍ପୃକ୍ତ ପଞ୍ଚାୟତ ପାଇଁ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ / କନିଷ୍ଠ ଯନ୍ତ୍ରୀ ଆବେଦନକାରୀଙ୍କ ଆବଶ୍ୟକ ମୁତାବକ ପ୍ରକଳ୍ପର ନକ୍ସା ଓ ଅଟକଳ ବିନା ମୂଲ୍ୟରେ ପ୍ରସ୍ତୁତ କରିଥାନ୍ତି । ଆବେଦନକାରୀ ଇଚ୍ଛା କଲେ ଅନ୍ୟ ଯୋଗ୍ୟ ବ୍ୟକ୍ତିଙ୍କ ଠାରୁ ମଧ୍ୟ ନକ୍ସା ଓ ଅଟକଳ ପ୍ରସ୍ତୁତ କରାଇ ପାରିବେ ।

**୨୪) ପ୍ରକଳ୍ପର ନକ୍ସା ଏବଂ ଅଟକଳକୁ କିଏ ଅନୁମୋଦନ କରନ୍ତି ?**

ଏହି ନକ୍ସା ଏବଂ ଅଟକଳକୁ ସମ୍ପୃକ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ / ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁମୋଦନ କରିଥାନ୍ତି । ଅନୁମୋଦନ ପରେ ଏହାକୁ ବ୍ଲକ କର୍ମଚାରୀ ୱେବ ସାଇଟରେ ଅପଲୋଡ କରିଥାଆନ୍ତି ।

**୨୫) ଋଣ ଆବେଦନକାରୀ ଆୟ ପ୍ରମାଣପତ୍ର କେଉଁଠାରୁ ପାଇଥାଆନ୍ତି ?**

ଆବେଦନକାରୀଙ୍କୁ ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ଆୟ ପ୍ରମାଣପତ୍ର ଦାଖଲ କରିବାକୁ ପଡିଥାଏ । ବେତନଭୋଗୀ କର୍ମଚାରୀଙ୍କ କ୍ଷେତ୍ରରେ କାର୍ଯ୍ୟାଳୟର ମୁଖ୍ୟଙ୍କ ଠାରୁ ସଂଗୃହୀତ ମାସିକ ବେତନ ବିବରଣୀକୁ ମଧ୍ୟ ଆୟ ପ୍ରମାଣପତ୍ର ଭାବରେ ଗ୍ରହଣ କରାଯାଇଥାଏ ।

**୨୬) ଜାତିଗତ ପ୍ରମାଣପତ୍ର ଓ ଭିନ୍ନକ୍ଷମ ପ୍ରମାଣପତ୍ର କେଉଁଠାରୁ ମିଳିଥାଏ ?**

- ତହସିଲ କାର୍ଯ୍ୟାଳୟରୁ ଜାତିଗତ ପ୍ରମାଣପତ୍ର ମିଳିଥାଏ ।
- ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଥାନ୍ତି ।

**୨୭) ଋଣ ପାଇବା ପାଇଁ ଆବେଦନକାରୀଙ୍କୁ ପଞ୍ଜୀକରଣ କରିବାକୁ ପଡେ କି ?**

ଆବେଦନକାରୀଙ୍କୁ https://rhodisha.gov.in/moghara କୁ ଯାଇ ସର୍ବ ପ୍ରଥମେ ନିଜର ନାମ କୁ ପଞ୍ଜୀକରଣ କରିବାକୁ ପଡିଥାଏ । ପଞ୍ଜୀକରଣ ସମୟ ରେ ତାଙ୍କର ମୋବାଇଲ ନମ୍ବରକୁ OTP ଆସିଥାଏ, ଯାହାକୁ ପୋର୍ଟାଲରେ ଉଲ୍ଲେଖ କରିବା ପରେ ପଞ୍ଜୀକରଣ ସଫଳ ହୋଇଥାଏ ।

**୨୮) ଋଣ ପାଇଁ ଦରଖାସ୍ତ କିପରି ଓ କାହାକୁ ଦାଖଲ କରିବେ ?**

ପଞ୍ଜୀକରଣ ପରେ ପୂର୍ବ ପରି https://rhodisha.gov.in/mogharaକୁ ଯାଇ ଆବେଦନକାରୀଙ୍କୁ ନିଜର ଆଧାର ନମ୍ବର ବା ମୋବାଇଲ କୁ User ID ରୂପେ ବ୍ୟବହାର କରି ଦରଖାସ୍ତ ଫର୍ମ ପୂରଣ କରିବାକୁ ପଡିଥାଏ । ଏହି ଦରଖାସ୍ତ ପୋର୍ଟାଲ ମାଧ୍ୟମରେ ସମ୍ପୃକ୍ତ ବି.ଡି.ଓ.ଙ୍କର ହସ୍ତଗତ ହୋଇଥାଏ ଓ ବି.ଡି.ଓ ଯୋଗ୍ୟ ଆବେଦନକାରୀଙ୍କ ଦରଖାସ୍ତକୁ ଆବେଦନକାରୀ ମନୋନୟନ କରିଥିବା ବ୍ୟାଙ୍କକୁ ପଠାଇ ଥା'ନ୍ତି ।

**୨୯) ଆବେଦନ ପାଇଁ କେଉଁ କେଉଁ କାଗଜପତ୍ର ଆବଶ୍ୟକ?**

ଆବେଦନ ପାଇଁ ନିମ୍ନଲିଖିତ କାଗଜପତ୍ର ଆବଶ୍ୟକ:-

- ପାସପୋର୍ଟ ସାଇଜ୍ ଫଟୋ
- ଆଧାର କାର୍ଡ
- ଯେକୌଣସି ଗୋଟିଏ ପରିଚୟ ପତ୍ର :(ଭୋଟର ଆଇ.ଡି /ପାନ୍ କାର୍ଡ଼ / ଜବ୍ କାର୍ଡ/ ଡ୍ରାଇଭିଂ ଲାଇସେନ୍ସ )
- ଜମିର ପଟ୍ଟା
- ଆୟ ପ୍ରମାଣପତ୍ର/ ନିଯୁକ୍ତିଦାତାଙ୍କ ଠାରୁ ମାସିକ ବେତନ ବିବରଣୀ
- ଜାତିଗତ ପ୍ରମାଣପତ୍ର (ଅନୁସୂଚିତ ଜାତି/ ଜନଜାତି ଆବେଦନକାରୀଙ୍କ ନିମନ୍ତେ)
- ଭିନ୍ନକ୍ଷମ ପ୍ରମାଣପତ୍ର (ଭିନ୍ନକ୍ଷମ ଆବେଦନକାରୀଙ୍କ ନିମନ୍ତେ)

**୩୦) ଋଣ ମଞ୍ଜୁରୀ ପ୍ରକ୍ରିୟାରେ ବ୍ଲକର ଭୂମିକା କ'ଣ ?**

ଦରଖାସ୍ତ ପ୍ରାପ୍ତି ପରେ ବ୍ଲକ ସ୍ତରରେ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରାଯାଇଥାଏ ।

- ଆବେଦନକାରୀଙ୍କ ନାମରେ ପୂର୍ବରୁ ୭୦ ହଜାର ଟଙ୍କା ବା ତହିଁରୁ ଅଧିକ ମୂଲ୍ୟର ଗୃହ ମଞ୍ଜୁର ହୋଇଛି କି ନାହିଁ ଯାଞ୍ଚ କରିବା ।
- ଆବେଦନକାରୀଙ୍କ ଗୃହ ପରିଦର୍ଶନ କରି ସେ ରହୁଥିବା ଘରର ସ୍ଥିତି ଓ ଦରଖାସ୍ତରେ ଉଲ୍ଲେଖ ଥିବା ଅନ୍ୟ ତଥ୍ୟର ସତ୍ୟାସତ୍ୟ ଯାଞ୍ଚ କରିବା ।
- ଆବେଦନକାରୀଙ୍କ ବର୍ତ୍ତମାନ ଗୃହ ଓ ପ୍ରସ୍ତାବିତ ଜାଗାର ଜିଓ ଟ୍ୟାଗ୍ ଫଟୋ ଉଠାଇବା ।

- ବ୍ଲକର ସହକାରୀ ଯନ୍ତ୍ରୀ /କନିଷ୍ଠ ଯନ୍ତ୍ରୀ ଆବେଦନକାରୀଙ୍କ ଆବଶ୍ୟକ ମୁତାବକ ପ୍ରକଳ୍ପର ନକ୍ସା ଓ ଅଟକଳ ପ୍ରସ୍ତୁତ କରିବା ।
- ବି.ଡି.ଓ. /ସହ ନିର୍ବାହୀ ଅଧିକାରୀ (AEE) ପ୍ରସ୍ତୁତ ନକ୍ସା ଓ ଅଟକଳକୁ ଅନୁମୋଦନ କରିବା ।
- ବି.ଡି.ଓ. ଯୋଗ୍ୟ ଦରଖାସ୍ତଗୁଡିକୁ ଆବେଦନକାରୀଙ୍କ ମନୋନୀତ ବ୍ୟାଙ୍କକୁ ସୁପାରିଶ କରିବା ।
- ପ୍ରଥମ କିସ୍ତି ମଞ୍ଜୁର ପରେ ପରବର୍ତ୍ତୀ କିସ୍ତିର ଧାର୍ଯ୍ୟ ଗୃହ ନିର୍ମାଣ ସ୍ତରକୁ ମୋବାଇଲ ଆପ୍ ଜରିଆରେ ଫଟୋ ଉଠାଇବା ।
- ପରବର୍ତ୍ତୀ କିସ୍ତି ପାଇଁ ବ୍ୟାଙ୍କକୁ ସୁପାରିଶ କରିବା।
- ଗୃହ ନିର୍ମାଣ ଶେଷ ପରେ ଏହାର ଫଟୋ ଉଠାଇ ଆବେଦନକାରୀଙ୍କ ସବସିଡ଼ି ରାଶି ପାଇଁ ବ୍ୟାଙ୍କକୁ ସୁପାରିଶ କରିବା ।

**୩୧) "ଆମ ଘର" ମୋବାଇଲ ଆପ ଜରିଆରେ ନିଜ ଘରର ଫଟୋ କିପରି ଉଠାଯାଏ ?**

ପ୍ରଥମେ ଆବେଦନକାରୀଙ୍କୁ "ଆମ ଘର" ମୋବାଇଲ ଆପକୁ Play store ରୁ ନିଜ ମୋବାଇଲ୍ ରେ ଇନଷ୍ଟଲ୍ କରିବାକୁ ହୁଏ । ନିଜର ମୋବାଇଲ/ ଆଧାର ନମ୍ବରକୁ ୟୁଜର ଆଇ. ଡ଼ି ରୂପେ ବ୍ୟବହାର କରି ଲଗ ଇନ୍ କରିବାକୁ ହୁଏ ଓ ଗୃହ ନିର୍ମାଣ ସ୍ତରକୁ ଚୟନ କରି ଫଟୋ ଉଠାଇବାକୁ ପଡିଥାଏ । ଆବେଦନକାରୀ ଉଠାଇ ଥିବା ଫଟୋକୁ ବ୍ଲକ କର୍ମଚାରୀ ଅନୁମୋଦନ କରିଥାଆନ୍ତି ।

**୩୨) ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦସ୍ତାବିଜ ଯାଞ୍ଚ ହୁଏ କି?**

ଦାଖଲ ହୋଇଥିବା ଦସ୍ତାବିଜ ଗୁଡିକୁ ବ୍ୟାଙ୍କସ୍ତରରେ ମୂଳ (ଓରିଜିନାଲ) ଦସ୍ତାବିଜ ସହ ଯାଞ୍ଚ କରାଯାଇଥାଏ ।

**୩୩) ବ୍ୟାଙ୍କ ସ୍ତରରେ ହେବାକୁ ଥିବା ଦସ୍ତାବିଜ ଯାଞ୍ଚର ସମୟ ସୂଚୀ ଆବେଦନକାରୀ କିପରି ଜାଣିଥାଆନ୍ତି ?**

ବ୍ୟାଙ୍କ ଦ୍ୱାରା ଦସ୍ତାବିଜ ଯାଞ୍ଚ କରିବାର ତାରିଖ ଓ ସମୟ ବାବଦ ସୂଚନା ଆବେଦନକାରୀଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ମେସେଜ ମାଧ୍ୟମରେ ପଠାଇ ଦିଆଯାଇଥାଏ ।

**୩୪ ) ଋଣ ନିମନ୍ତେ ନିଜର ଜମିକୁ ବନ୍ଧକ ରଖିବା ଆବଶ୍ୟକ କି ?**

ଆବେଦନକାରୀଙ୍କୁ ପ୍ରକଳ୍ପ ନିର୍ମାଣ ହେବାକୁ ଥିବା ଜମିକୁ ସବ-ରେଜିଷ୍ଟର କାର୍ଯ୍ୟାଳୟରେ ବନ୍ଧକ ରଖିବାକୁ ପଡିଥାଏ । ଋଣ ପରିଶୋଧ ପରେ ବନ୍ଧକ ଜମିର ପଟ୍ଟା ଆବେଦନକାରୀଙ୍କୁ ଫେରସ୍ତ ଦିଆଯାଏ ।

**୩୫ ) ରାଜ୍ୟ ସରକାର କେଉଁ ଦେୟଗୁଡ଼ିକୁ ଛାଡ଼ କରିଛନ୍ତି ?**

ରାଜ୍ୟ ସରକାର ଏହି ଯୋଜନାର ଆବେଦନକାରୀଙ୍କ ପାଇଁ ଷ୍ଟାମ୍ପ ଫି, ବନ୍ଧକ ପଞ୍ଜିକରଣ , EC ଏବଂ ଜମି ପଟ୍ଟା ନକଲ ପାଇଁ ଦରକାର ହେଉଥିବା ଦେୟ ଛାଡ଼ କରିଛନ୍ତି ।

**୩୬ )ଋଣ ମଞ୍ଜୁରୀ ପାଇଁ ବ୍ୟାଙ୍କ ଦ୍ୱାରା ମଗାଯାଉଥିବା ଆଇନଗତ ମତାମତ ନିମନ୍ତେ ଆବେଦନକାରୀଙ୍କୁ କୌଣସି ଅର୍ଥ ପ୍ରଦାନ କରିବାକୁ ପଡେ କି ?**

ଋଣ ମଞ୍ଜୁର ପୂର୍ବରୁ ବ୍ୟାଙ୍କ, ଜମିଜମା ସତ୍ତ୍ୱର ମାଲିକାନା ଜାଣିବା ପାଇଁ ଆଇନଗତ ମତାମତ ନେଇଥାଆନ୍ତି । ଏଥି ନିମନ୍ତେ ସରକାର ସମ୍ପୃକ୍ତ ବ୍ୟାଙ୍କକୁ ପ୍ରତି ଆଇନଗତ ପରାମର୍ଶ ପାଇଁ ୧ ହଜାର ଟଙ୍କାର ଅର୍ଥ ପ୍ରଦାନ କରିଥାଆନ୍ତି । ଆବେଦନକାରୀଙ୍କୁ ଏ ବାବଦରେ କୌଣସି ଅର୍ଥ ଦେବାକୁ ପଡେ ନାହିଁ ।

**୩୭ ) ବ୍ୟାଙ୍କ ଋଣ ମଞ୍ଜୁର ପାଇଁ ପ୍ରୋସେସିଂ ଫି ନେଇଥାଆନ୍ତି କି?**

ବ୍ୟାଙ୍କ ଋଣ ମଞ୍ଜୁର ପାଇଁ ଆବେଦନକାରୀଙ୍କଠାରୁ କୌଣସି ପ୍ରୋସେସିଂ ଫି (Processing Fee) ଆଦାୟ କରି ନଥାନ୍ତି ।

**୩୮ ) ଆବେଦନକାରୀ ନିଜର ଋଣ ଦରଖାସ୍ତର ସ୍ଥିତି କିପରି ଜାଣିଥାଆନ୍ତି ?**

ଦରଖାସ୍ତକାରୀ ନିଜ ଆଧାର ନମ୍ବରକୁ ବ୍ୟବହାର କରି ସର୍ବ ପ୍ରଥମେ ୱେବ ସାଇଟରେ ଲଗ୍ ଇନ୍ କରିବେ । “Loan Status” କୁ କ୍ଲିକ କରି ନିଜ ଋଣ ସମ୍ବନ୍ଧୀୟ ତଥ୍ୟ ଜାଣିପାରିବେ । ଏହା ବ୍ୟତୀତ

ଆବେଦନକାରୀଙ୍କ ମୋବାଇଲ ଫୋନକୁ ଋଣର ପ୍ରତି ପର୍ଯ୍ୟାୟରେ ମେସେଜ ଦ୍ୱାରା ସୂଚନା ଦିଆଯାଇଥାଏ ।

**୩୯) ଋଣ ନିମନ୍ତେ କୌଣସି ସର୍ବନିମ୍ନ ଅର୍ଥ (margin money) ଦାଖଲ କରିବାକୁ ପଡ଼ିଥାଏ କି ?**

ଆବେଦନକାରୀଙ୍କୁ ଋଣ ପରିମାଣର ୧୦% ସର୍ବନିମ୍ନ ଅର୍ଥ (margin money) ହିସାବରେ ବିନିଯୋଗ କରିବାକୁ ପଡିଥାଏ। ଏହି ଅର୍ଥକୁ ଆବେଦନକାରୀ ନଗଦ ଟଙ୍କା ଆକାରରେ ଅଥବା ଶ୍ରମ ଅଥବା ଗୃହ ନିର୍ମାଣ ସାମଗ୍ରୀ ଆକାରରେ ବିନିଯୋଗ କରି ପାରିବେ ।

**୪୦ ) ସର୍ବନିମ୍ନ ଅର୍ଥ (margin money)କୁ ଏକକାଳୀନ ପ୍ରଦାନ କରିବାକୁ ପଡିଥାଏ କି?**

ଆବେଦନକାରୀ ଏହାକୁ ଏକକାଳୀନ ବିନିଯୋଗ କରିପାରିବେ କିମ୍ବା କିସ୍ତିର ଅନୁପାତ ହିସାବରେ ବିନିଯୋଗ କରିପାରିବେ ।

**୪୧ ) ଋଣ ଅର୍ଥ କେତେ ଗୋଟି କିସ୍ତିରେ ମିଳିଥାଏ ?**

ଘର ତିଆରିର ସ୍ତର ଅନୁସାରେ ନିମ୍ନମତେ କିସ୍ତି ଅର୍ଥ ପ୍ରଦାନ କରାଯାଏ ।

| ଋଣ ପରିମାଣ (ଟଙ୍କାରେ ) | ପ୍ରଥମ କିସ୍ତି ଟଙ୍କା | ଦ୍ୱିତୀୟ କିସ୍ତି ଟଙ୍କା | ତୃତୀୟ କିସ୍ତି ଟଙ୍କା |
|---|---|---|---|
| ୧ ଲକ୍ଷ | ୫୦,୦୦୦/- (ଋଣ ମଞ୍ଜୁର ପରେ ) | ୫୦,୦୦୦/- (ଛାତ ପଡିବା ପରେ) | - |
| ୧.୫ ଲକ୍ଷ | ୫୦,୦୦୦/- (ଋଣ ମଞ୍ଜୁର ପରେ ) | ୫୦,୦୦୦/- (ଛାତ ସ୍ତର ପହଞ୍ଚିବା ପରେ) | ୫୦,୦୦୦/- (ଛାତ ପଡିବା ପରେ) |
| ୨ ଲକ୍ଷ | ୫୦,୦୦୦/- (ଋଣ ମଞ୍ଜୁର ପରେ ) | ୧,୦୦,୦୦୦/- (ଛାତ ସ୍ତର ପହଞ୍ଚିବା ପରେ) | ୫୦,୦୦୦/- (ଛାତ ପଡିବା ପରେ) |
| ୩ ଲକ୍ଷ | ୧,୦୦,୦୦୦/- (ଋଣ ମଞ୍ଜୁର ପରେ ) | ୧,୦୦,୦୦୦/- (ଛାତ ସ୍ତର ପହଞ୍ଚିବା ପରେ) | ୧,୦୦,୦୦୦/- (ଛାତ ପଡିବା ପରେ) |

**୪୨ )ଆବେଦନକାରୀ ପ୍ରଥମ କିସ୍ତି କେବେ ପାଇଥା'ନ୍ତି ?**

ବ୍ୟାଙ୍କ ଦ୍ଵାରା  ଋଣ ମଞ୍ଜୁର ପରେ, ଜାଗାର ବନ୍ଧକ ରେଜିଷ୍ଟ୍ରେସନ ଶେଷ ହେବା ପରେ ଓ ଆବେଦନକାରୀଙ୍କ ମାର୍ଜିନ ଟଙ୍କା ବିନିଯୋଗ କରିବା ପରେ ପ୍ରଥମ କିସ୍ତି ଋଣ ରାଶି ଆବେଦନକାରୀଙ୍କ ଋଣ ଖାତାରେ ଜମା ହୋଇଥାଏ ।

**୪୩ )  ଦ୍ଵିତୀୟ କିସ୍ତି ଅର୍ଥ ରାଶି ଆବେଦନକାରୀଙ୍କୁ କିପରି ମିଳିଥାଏ ?**

୧ ଲକ୍ଷ ଟଙ୍କାର ଋଣ କ୍ଷେତ୍ରରେ ଛାତ ପଡିବା ପରେ ଓ ଅନ୍ୟ ଋଣ କ୍ଷେତ୍ରରେ  ଛାତ ସ୍ତର ପହଞ୍ଚିବା ପରେ ଦ୍ଵିତୀୟ କିସ୍ତି ଅର୍ଥ ମିଳିଥାଏ। ବ୍ଲକ କର୍ମଚାରୀ ପ୍ରକଳ୍ପର ଜିଓ ଟ୍ୟାଗ୍ ଫଟୋ ଉଠାଇ ଥାଆନ୍ତି ଓ ବି.ଡ଼ି.ଓ. କିସ୍ତି ରାଶି ପ୍ରଦାନ ପାଇଁ ବ୍ୟାଙ୍କକୁ ସୁପାରିଶ କରିଥାଆନ୍ତି । ବ୍ୟାଙ୍କ ଆବଶ୍ୟକ ମଣିଲେ ନିଜ କର୍ମଚାରୀଙ୍କ ଦ୍ଵାରା ଗୃହ ନିର୍ମାଣ ସ୍ଥିତି ଯାଞ୍ଚ କରି ପାରିବେ । ଏହାପରେ ବ୍ୟାଙ୍କ ଆବେଦନକାରୀଙ୍କ ଋଣ ଖାତାକୁ ଦ୍ଵିତୀୟ କିସ୍ତି ଅର୍ଥ ପ୍ରଦାନ କରି ଥାଆନ୍ତି ।

**୪୪ ) ଆବେଦନକାରୀଙ୍କୁ ତୃତୀୟ କିସ୍ତି ଅର୍ଥ ରାଶି କିପରି ମିଳିଥାଏ?**

୧.୫ ଲକ୍ଷ ,୨ ଲକ୍ଷ  ଓ ୩ ଲକ୍ଷ ଟଙ୍କାର ଋଣ କ୍ଷେତ୍ରରେ  ଛାତ ପଡି ସାରିବା ପରେ ତୃତୀୟ କିସ୍ତି ଅର୍ଥ ପ୍ରଦାନ କରାଯାଇଥାଏ ।  ଦ୍ଵିତୀୟ କିସ୍ତି ପ୍ରଦାନ ପରି ଏହି କ୍ଷେତ୍ରରେ ମଧ୍ୟ ବ୍ଲକ କର୍ମଚାରୀ ଜିଓ ଟ୍ୟାଗ୍ ଫଟୋ ଉଠାଇ ଥାଆନ୍ତି, ଯାହାକୁ ଭିତ୍ତି କରି ବି.ଡ଼ି.ଓ. କିସ୍ତି ରାଶି ପ୍ରଦାନ ପାଇଁ ବ୍ୟାଙ୍କକୁ ସୁପାରିଶ କରିଥାଆନ୍ତି । ଆବେଦନକାରୀଙ୍କ ଋଣ ଖାତାରେ ବ୍ୟାଙ୍କ ତୃତୀୟ କିସ୍ତି ଅର୍ଥ ରାଶି ଜମା କରି ଥାଆନ୍ତି ।

**୪୫ ) ଋଣ ରିହାତି ଅର୍ଥ କିପରି ମିଳିଥାଏ ?**

ରାଜ୍ୟ ସରକାର ରାଜ୍ୟ ନୋଡାଲ ବ୍ୟାଙ୍କ ଜରିଆରେ ହିତାଧିକାରୀଙ୍କ ଋଣ ଖାତାରେ ସବସିଡି ପ୍ରଦାନ କରିଥାଆନ୍ତି । ଗୃହ ନିର୍ମାଣ ଶେଷ ହେବା ପରେ ବ୍ଲକ କର୍ମଚାରୀ ଘରର ଜିଓ-ଟ୍ୟାଗ୍ ଫଟୋ ଉଠାଇ ଥାଆନ୍ତି । ସମ୍ପୃକ୍ତ  ବି.ଡ଼ି.ଓ.  ଫଟୋ ଆଧାରରେ ହିତାଧିକାରୀଙ୍କୁ ସବସିଡ଼ି ରାଶି ପ୍ରଦାନ ପାଇଁ ସୁପାରିଶ କରିଥାଆନ୍ତି। ଏହାପରେ ବ୍ୟାଙ୍କ ହିତାଧିକାରୀଙ୍କ ଋଣ ଖାତାରେ ସରକାରଙ୍କ ଠାରୁ ମିଳିଥିବା  ସବସିଡ଼ି ରାଶି ଜମା କରିଥାଆନ୍ତି ।

**୪୬ ) କେତେ ବର୍ଷରେ ଋଣ ପରିଶୋଧ କରିବାକୁ ପଡିଥାଏ ?**

ଏହି ଯୋଜନାରେ ଋଣ ପରିଶୋଧ ପାଇଁ ପ୍ରଥମ ବର୍ଷର ମୋରାଟୋରିୟମ ଅବଧିକୁ ବାଦ ଦେଇ ପରବର୍ତ୍ତୀ ୧୦ ବର୍ଷର ସମୟ ସୀମା ଧାର୍ଯ୍ୟ କରାଯାଇଛି । ଏହି ମୋରାଟୋରିୟମ ଅବଧି ପ୍ରଥମ କିସ୍ତି ପ୍ରଦାନ ଦିନଠାରୁ ଆରମ୍ଭ ହୋଇଥାଏ। ତେବେ ହିତାଧିକାରୀ ଇଚ୍ଛାକଲେ ପରିଶୋଧ ଅବଧିକୁ ହ୍ରାସ କରିପାରନ୍ତି।

**୪୭ ) "ମୋରାଟୋରିୟମ ପିରିୟଡ଼" କ'ଣ ?**

ହିତାଧିକାରୀଙ୍କ ଋଣ ଖାତାକୁ ପ୍ରଥମ କିସ୍ତି ଅର୍ଥ ଜମା ହେବା ଦିନ ଠାରୁ ୧ ବର୍ଷ ପର୍ଯ୍ୟନ୍ତ ଅବଧିକୁ ମୋରାଟୋରିୟମ ପିରିୟଡ଼ କୁହାଯାଏ । ହିତାଧିକାରୀ ଏହି ଅବଧି ମଧ୍ୟରେ ଋଣ ପରିଶୋଧ କରିବାକୁ ବାଧ୍ୟ ନୁହନ୍ତି । କିନ୍ତୁ ବ୍ୟାଙ୍କ ଏହି ମୋରାଟୋରିୟମ ପିରିୟଡ଼ ସମୟରେ ଋଣ ରାଶି ଉପରେ ସୁଧ ନେଇଥାଆନ୍ତି ।

**୪୮ )ଋଣ ପରିଶୋଧ ନିମନ୍ତେ ମାସିକ କିସ୍ତିର ପରିମାଣ କେତେ ଅଟେ ?**

ମାସିକ କିସ୍ତିର ପରିମାଣ ବ୍ୟାଙ୍କର ସୁଧ ହାର ଓ ଋଣ ପରିଶୋଧ ଅବଧି ଉପରେ ନିର୍ଭର କରୁଥିବାରୁ ଏହା ସ୍ଥଳ ବିଶେଷରେ ଭିନ୍ନ ଭିନ୍ନ ହୋଇଥାଏ । ଯଦି ବ୍ୟାଙ୍କ ସୁଧ ହାର ୯% ଓ ପରିଶୋଧର ଅବଧି ୧୦ ବର୍ଷ ହୁଏ , ତେବେ ହିତାଧିକାରୀଙ୍କୁ ନିମ୍ନମତେ ମାସିକ କିସ୍ତି ଦାଖଲ କରିବାକୁ ପଡିଥାଏ ।

| କ୍ରମିକ ସଂଖ୍ୟା | ଋଣ ପରିମାଣ (ଟଙ୍କା) | ମାସିକ କିସ୍ତି,୯ % ସୁଧ ହାରରେ (ଟଙ୍କା) | |
|---|---|---|---|
| | | ସାଧାରଣ ବର୍ଗ | ଅନୁସୂଚିତ ଜାତି / ଜନଜାତି /ଭିନ୍ନକ୍ଷମ ମୁଖ୍ୟ ଥିବା ପରିବାର |
| ୧ | ୧,୦୦,୦୦୦ | ୧,୦୦୧ | ୮୭୪ |
| ୨ | ୧,୫୦,୦୦୦ | ୧,୫୦୧ | ୧,୩୭୪ |
| ୩ | ୨,୦୦,୦୦୦ | ୨,୦୦୧ | ୧,୮୭୫ |
| ୪ | ୩,୦୦,୦୦୦ | ୩,୩୮୨ | ୩,୨୫୬ |

**୪୯) ଘର ନିର୍ମାଣ କାର୍ଯ୍ୟ କେତେ ଦିନ ମଧ୍ୟରେ ସଂପୂର୍ଣ୍ଣ କରାଯାଇଥାଏ ?**

ହିତାଧିକାରୀ ଋଣ ମଞ୍ଜୁର ପରେ ଯଥାଶୀଘ୍ର ଘର ତିଆରି କାର୍ଯ୍ୟ ଶେଷ କରିବାକୁ ଚେଷ୍ଟା କରିବେ । ସର୍ବାଧିକ ୧ ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ହୁଏ ।

**୫୦) ଅଭିଯୋଗର  ସମାଧାନ ପାଇଁ କ'ଣ ବ୍ୟବସ୍ଥା ରହିଛି?**

- ରାଜ୍ୟ ଟୋଲ ଫ୍ରି ନମ୍ବର-୦୬୭୪-୬୮୧୭୭୭୭ ରେ ଫୋନ ମାଧ୍ୟମରେ ଜଣାଇପାରିବେ ।
- RH Portal ରେ ଅନଲାଇନ ଅଭିଯୋଗ ଦାଖଲ କରିପାରିବେ ।